# Akashvani, Sambalpur

## SAMBALPURI NEWS EVENING BULLETIN

**7 August 2025- 7.02 pm- 7.12 pm.**

**********************************************

୧- ଓଡ଼ିଶାର୍ ହସ୍ତତନ୍ତ ଓଡ଼ିଆ ଅସ୍ମିତାର୍ ଗୁଟେ ପ୍ରମୁଖ ଆଧାର୍ ଆଏ- ଜାତୀୟ ହସ୍ତତନ୍ତ ଦିବସ୍ ଅବ୍‌ସରେ କହେଲେ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀ ଠାନେ ସନ୍ଥ କବୀର ଆଉ ଜାତୀୟ ହସ୍ତତନ୍ତ ପୁରସ୍କାର୍ ପ୍ରଦାନ୍ କଲେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ।

୨- ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ଜାରି ହେଲା ଅଧିସୂଚନା ।

୩- ରାଏଜେ ଆଏବା ନଭେମ୍ବର୍ ମାସ୍‌ନୁ ବଂଟାଯିବା ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା କାର୍ଯ୍ୟାଦେଶ୍ ।

ଆଉର୍

୪- ସହରାଂଚଲ୍ ରାସ୍ତା ତିଆର୍ ଲାଗି ପ୍ଲାଷ୍ଟିକ୍ କଚ୍‌ରା ବେଭାର୍ କର୍‌ବାର୍‌କେ ନଗର୍ ଉନ୍ନୟନ୍ ବିଭାଗ୍‌ର ପ୍ରସ୍ତାବ୍ ।

রাজ্যস্তরীয় জাতীয় হস্ততন্ত দিবস I&PR

ଆମର୍ ହସ୍ତତନ୍ତ ହେଉଛେ ଓଡ଼ିଆ ଅସ୍ମିତାର୍ ଗୁଟେ ପ୍ରମୁଖ ଆଧାର୍ । ଇଟା ଖାଲି ଗୁଟେ ଆର୍ଥିକ୍ ଆଧାର୍ ନୁହେଁ, ଜାତୀୟ ଗର୍ବ ଆର୍ ଗୌରବ୍‌ର ପ୍ରତୀକ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ୍ - ଏକତା ସମାରୋହକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହସ୍ତତନ୍ତ ଉନ୍ନୟନ୍ ଯୋଜ୍‌ନା ଜରିଏ ବୁଣାକାର୍ ମାନ୍‌କର୍ ସାମାଜିକ୍ ଆଉ ଆର୍ଥିକ୍ ଥିତି ଉନ୍ନତ୍ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି କହିଛନ୍ । ସେ କହିଛନ୍, ରାଜ୍ୟର୍ ୧ ଲାଖ୍ ୩୦ ହଜାର୍‌ନୁ ଅଏତ୍‌କା ବୁଣାକାର୍ ଆର୍ ଶ୍ରମିକମାନ୍‌କର୍ ରୋଜ୍‌ଗାର୍ ବଢ଼ାବାର୍ ଆଉ ସେମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ଲାଗି ସର୍‌କାର୍ ଚେରେଷ୍ଟା ଜାରି ରଖିଛନ୍ । ହସ୍ତତନ୍ତ ଶିଳ୍ପର୍ ବିକାଶ୍ ଲାଗି ଇତାର୍ ବିକ୍ରି ଆଉ ବଜାର୍‌କେ ଭିଲ୍ ସର୍‌କାର୍ ଗୁରୁତ୍ୱ ଦଉଛନ୍ । ଓଡ଼ିଶା ଟେକ୍ସଟାଇଲ୍ କନ୍‌କ୍ଲେଭ୍ ନ ରାଏଜେ ବୟନ ଶିଳ୍ପ ପ୍ରତିଷ୍ଠା ଲାଗି ୭ ହଜାର୍ ୮ ଶହ ୮ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ସଙ୍ଗେ ୩୩ ଟା ରାଜିନାମା ସ୍ୱାକ୍ଷର୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଲିଉଡ୍‌ ଅଭିନେତ୍ରୀ ମାଧୁରୀ ଦିକ୍ଷିତଙ୍କୁ ଆଏବା ବଛ୍‌ରେ ଲାଗି ଓଡ଼ିଶା ହେଣ୍ଡ୍‌ଲୁମ୍‌ର ବ୍ରାଣ୍ଡ ଆମ୍ବାସେଡ଼ର୍‌ ଭାବେ ଘୋଷ୍‌ନା କରିଛନ୍‌ । ମାଧୁରୀ ଦିକ୍ଷିତ୍‌ଙ୍କର୍‌ ସହଯୋଗ୍‌ଥି ଓଡ଼ିଶାର୍‌ ହସ୍ତତନ୍ତ କପ୍‌ଡ଼ା ଦେଶ୍‌ ବିଦେଶ୍‌ ନ ଫେସନ୍‌ ଜଗତ୍‌ଥି ଆହୁରି ଖ୍ୟାତି ପାଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍‌ ।

ଇତାର୍‌ସହେତେ ଓଡ଼ିଶା ହସ୍ତତନ୍ତର ମାସ୍‌କଟ୍‌ - ରେସା ର ଉନ୍ମୋଚନ୍‌ କର୍‌ବାର୍‌ ସହେତେ ପର୍ଶ୍ଚିମ ଓଡ଼ିଶାର୍‌ ବୁଣାକାର୍‌ ମାନ୍‌କର୍‌ ସଂଘର୍ଷ ଆଉ ଐତିହ୍ୟ ଉପ୍‌ରେ ଆଧାରିତ୍‌ ଚଳଚ୍ଚିତ୍ର ‘ମେହେର୍‌ ମୁଣ୍ଡା’ର ଟ୍ରେଲର୍‌ ଭିଲ୍‌ ମୁଖ୍ୟମନ୍ତ୍ରୀ ଉନ୍ମୋଚନ୍‌ କରିଛନ୍‌ ।

ଜାତୀୟ ହସ୍ତତନ୍ତ ଦିବସ ସମାରୋହ ପି.ଆଇ.ବି.

ହସ୍ତଶିଳ୍ପୀ କାରିଗର୍‌ ମାନ୍‌କୁ ତହେଁକାବାର୍‌ ଲାଗି ଆଉ ସମୃଦ୍ଧ ହସ୍ତତନ୍ତ ପରମ୍ପରାକେ ବଂଚେଇ ରଖ୍‌ବାର୍‌ ଲକ୍ଷ୍ୟଥି ଆଏଜ୍‌ ସାରା ଦେଶେ ଜାତୀୟ ହସ୍ତତନ୍ତ ଦିବସ୍‌ ପାଲନ୍‌ କରାଯାଉଛେ । ନୂଆଦିଲ୍ଲୀର୍‌ ବିଜ୍ଞାନ୍‌ ଭବନ୍‌ ଠାନେ ହେଇଥିବା ୧୧ ନମ୍ବର୍‌ ଜାତୀୟ ହସ୍ତତନ୍ତ ଦିବସ୍‌ର ମୁଖ୍ୟ ସମାରୋହଥି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ୍‌ ସିଂ ସନ୍ଥୁ

କବୀର ହସ୍ତତନ୍ତ ପୁରସ୍କାର୍ ଆଉ ଜାତୀୟ ହସ୍ତତନ୍ତ ପୁରସ୍କାର୍ ପ୍ରଦାନ୍ କରିଛନ୍ । ଦେଶର୍ ବୁଣାକାର୍, ବିକ୍ରେତା, ଷ୍ଟାଟଅପ୍ ଆଉ କମ୍ପାନୀମାନ୍‌କୁ ହସ୍ତତନ୍ତର୍ ପ୍ରଚାର୍ ପ୍ରସାର୍ ଦିଗେ ଦେଇଥିବା ଅବଦାନ୍ ଲାଗି ଇ ପୁରସ୍କାର୍ ଦିଆଯାଇଛେ । ସାରା ପୁର୍‌ଥି ନ ଇହାଦେ ହସ୍ତତନ୍ତ ଦରବ୍ ମାନ୍‌କର୍ ଚାହିଦା ବଢ଼୍‌ବାର୍ ସହେତେ ଇ ଚାହିଦା ପୂରଣ୍ କର୍‌ବାର୍ ଲାଗି ଭାରତୀୟ ହସ୍ତତନ୍ତ ଶିଳ୍ପ ବଡ଼ ଭୂମିକା ନଉଛେ ବଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

ଜାତୀୟ ହସ୍ତତନ୍ତ ଦିବସ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଜାତୀୟ ହସ୍ତତନ୍ତ ଦିବସ୍ ପାଲିତ୍ ହେଇଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଉଥିବା ପ୍ରୋତ୍ସାହନ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ହଜାର୍ ହଜାର୍ ବୁଣାକାର୍ ଆଉ ବାନ୍ଧଶିଳ୍ପୀଙ୍କୁ ହସ୍ତତନ୍ତ କ୍ଷେତ୍ରଥି ଆତ୍ମନିର୍ଭର୍ କରିକରି ସେମାନ୍‌କର୍ ସାମାଜିକ୍ ଆଉ ଅର୍ଥନୈତିକ୍ ବିକାଶ୍ ଦିଗେ ସହାୟକ ହେଇପାରିଛେ । ଇ ବଛର୍ ଜିଲ୍ଲାର୍ ୩ ଝନ୍ ବୟନ ଆଉ ବାନ୍ଧଶିଳ୍ପୀ ନୂଆଦିଲ୍ଲୀଠାନେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଜାତୀୟ

ପୁରସ୍କାର୍ ପାଇଛନ୍ । ଇତାକେ ନେଇକରି ଜିଲ୍ଲାର୍ ବୁଣାକାର୍ ମାନ୍‌କର୍ ଭିତ୍‌ରେ ଆହୁରି ତହଁକ୍ ବଢ଼ିଛେ ।

ହସ୍ତତନ୍ତ ଦିବସ୍-କ୍ଷେତ୍ରମୋହନ୍ ମେହେର/ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରୀ ହସ୍ତତନ୍ତର୍ ପ୍ରଚାର୍ ପ୍ରସାର୍ ଦିଗେ ବର୍‌ଗଡ଼୍ ଜିଲ୍ଲା ବର୍‌ପାଲିର ଗୁଟେ ବଡ଼ ଭୂମିକା ରହିଆସିଛେ । ପିଢ଼ି ପିଢ଼ି ଧରି ଇ ଗାଁର୍ ଲୁକେ ହସ୍ତତନ୍ତକେ କୌଳିକ ବୃତି ଭାବେ ଅପ୍‌ନେଇକରି ଦେଶ୍ ବିଦେଶ୍ ନ ନାଁ କରିଛନ୍ । ସେନ୍ତା ଝନେ ସଫଲ୍ କାରିଗର୍ ଆଉ ଜାତୀୟ ଆଉ ସନ୍ଥ କବୀର ପୁରସ୍କାର୍ ପାଇଥିବା ବୁନ୍‌କାର୍ ହେଉଛନ୍ ବର୍‌ପାଲିର କ୍ଷେତ୍ରମୋହନ୍ ମେହେର୍ । ତାଙ୍କର୍ କୁଟୁମ୍ ଇହାଦେ ସମ୍ବଲ୍‌ପୁରୀ ହସ୍ତତନ୍ତ ବିକାଶ୍ ଲାଗି କାମ୍ କରୁଛନ୍ ।  ଜାତୀୟ ହସ୍ତତନ୍ତ ଦିବସ୍ ଅବ୍‌ସରେ ଆସୁନ୍ ଶୁନ୍‌ମା ହସ୍ତଶିଳ୍ପ ବିକାଶ୍ ଦିଗେ ତାଙ୍କର୍ ଅଭିଜ୍ଞତା...

(ଭଏସ୍ ଓଭର୍- କ୍ଷେତ୍ରମୋହନ୍ ମେହେର)

ଉପରାଷ୍ଟ୍ରପତି ନିର୍ବାଚନ-ବିଜ୍ଞପ୍ତି ପି.ଆଇ.ବି.

ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ଭାରତୀୟ ନିର୍ବାଚନ୍ ଆୟୋଗ୍ ତରଫ୍ରୁ ଆଏଜ୍ ଅଧିସୂଚନା ଜାରି କରାଯାଇଛେ । ଅଧିସୂଚନା ଅନ୍‌ସାରେ ଆଏବା ୨୧ ତାରିଖ୍ ତକ୍ ନାମାଙ୍କନ୍ ଦାଖଲ୍ କରାଯିବା । ୨୨ ତାରିଖ୍ ନାମାଙ୍କନ୍ ପତ୍ର ଯାଂଚ୍ ହେବା । ଉପରାଷ୍ଟ୍ରପତି ପଦ୍ ଲାଗି ଏକାଧିକ୍ ନାମାଙ୍କନ୍ ପତ୍ର ଦାଖଲ୍ ହେଲେ ସେପ୍ଟେମ୍ବର୍ ୯ ତାରିଖ୍ ଦିନ ଭୋଟ୍ ହେବା ବଲି ଅଧିସୂଚନାଥି କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଘର୍ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ ସ୍ୱାସ୍ଥ୍ୟ ସମସ୍ୟା ଲାଗି ଗଲା ମାସର୍ ୨୨ ତାରିଖ୍ ଦିନ ଇସ୍ତଫା ଦେଇଥିଲେ ।

ପି.ଏମ୍. ଆବାସ କାର୍ଯ୍ୟାଦେଶ୍ ହି.ସ.

ଆଏବା ନଭେମ୍ବର୍ ମାସ୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା କାର୍ଯ୍ୟାଦେଶ୍ ବଂଟନ୍ ମୁଲ୍ ହେବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ୨୦୧୬ ନୁ ଏବ୍‌ତକ୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ ୪ ଲାଖ୍ ଘର୍ କାମ୍ ଖଁଡ଼ିଆ ହେଇକରି ଅଛେ । ଆଏବା ଅକ୍ଟୋବର୍‌ତକ୍ ସବୁ ଘର୍ କାମ୍ ଶେଷ୍ କରାଯିବା । ଇ

ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଭର୍‌ସା ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ପ୍ଲାଷ୍ଟିକ୍ କଚ୍‌ରା ସୁପରିଚାଲନା I&PR

ସହରୀ ଇଲାକାର୍ ରାସ୍ତା ମାନ୍‌କେ ପ୍ଲାଷ୍ଟିକ୍ କଚ୍‌ରା ସୁପରିଚାଲନା ଦିଗେ ବିଚାର୍ କର୍‌ବାର୍ ଲାଗି ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶ୍ରୀମତୀ ପାଢ଼ୀ ସହରୀ ଇଲାକାର୍ ଭିତିଭୂମି ବିକାଶ୍‌ଥି ସ୍ଥାୟୀ ଆଉ ପରିବେଶ୍ ଅନୁକୂଲ୍ ଅଭ୍ୟାସ୍ ଅପ୍‌ନାବାର୍ ବାବ୍‌ଦେ ଜୋର୍ ଦେଇଥିଲେ । ସେ କହିଛନ୍, ବୁତଲ୍ ଆଉ ଜରି ବାଗିର୍ ପ୍ଲାଷ୍ଟିକ୍ କଚ୍‌ରାକେ ରାସ୍ତା ତିଆରି କାମେ ବେଭାର୍ କରାଯାଇପାର୍‌ବା । ଇ ପଦ୍ଧତି ଆଘୋନୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ୍ ତର୍‌ଫୁ ସଫଲତାର୍ ସହେତେ କାର୍ଯ୍ୟକାରୀ କରାଯାଇଛେ । ପ୍ଲାଷ୍ଟିକ୍ କଚ୍‌ରା ରାସ୍ତାର୍ ସ୍ଥାୟୀତ୍ୱ ଆଉ ଗୁଣବତା ବଢ଼ାବାର୍ ସହେତେ କଚ୍‌ରା ପରିଚାଲନା ଦିଗେ ଗୁଟେ ବଡ଼ ସମାଧାନ୍ ହେଇପାର୍‌ବା ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ଖଣ୍ଡପଡ଼ାର୍ ରାଜା ପରଲୋକ I&PR

ବିଧାନ୍‌ସଭାର୍ ଆଘର୍ ଉପବାଚସ୍ପତି, ଆଘର୍ ମନ୍ତ୍ରୀ ଆଉ ଖଣ୍ଡପଡ଼ାର୍ ରାଜା ବିଭୂତି ଭୂଷଣ୍ ସିଂ ମର୍ଦ୍ଦରାଜଙ୍କର୍ ଗଲା ରାତି ପରଲୋକ୍ ହେଇଯାଇଛେ । ବହୁତ୍ ଦିନ ହେଲା ସେ ଅସୁସ୍ଥ ଥିଲେ । ଭୁବ୍‌ନେଶ୍ୱର୍ ଠାନେ ଚିକିତ୍ସାଧୀନ୍ ଅବସ୍ଥାଥି ତାଙ୍କର୍ ପରଲୋକ୍ ହେଇଛେ । ତାଙ୍କର୍ ବିୟୋଗ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ୍ କରିଛନ୍ ।

ଉପମୁଖ୍ୟମନ୍ତ୍ରୀ-୫ ଜିଲ୍ଲା ଗସ୍ତ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏବା କାଏଲ୍‌ଠାନୁ ୫ ଟା ଜିଲ୍ଲା ଗସ୍ତଥି ଯିବେ । କଳାହାଣ୍ଡି, ବଲାଙ୍ଗିର୍, ସୁବର୍ଣ୍ଣପୁର୍, କୋରାପୁଟ୍, ନବରଙ୍ଗ୍‌ପୁର୍ ଜିଲ୍ଲାକେ ଯାଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିକାଶ୍‌ମୂଳକ୍ କାର୍ଯ୍ୟକ୍ରମ୍ ଆଉ ସୁଭଦ୍ରା ଯୋଜ୍‌ନାର୍ ସମୀକ୍ଷା କର୍‌ବେ । ଇତାର୍‌ସହେତେ ଜିଲ୍ଲାମାନ୍‌କେ ମହିଳା ଆଉ ଶିଶୁବିକାଶ୍, ମିଶନ୍ ଶକ୍ତି ଆଉ ପର୍ଯ୍ୟଟନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍‌ମାନ୍‌କର୍ ଭିଲ୍ ସମୀକ୍ଷା କର୍‌ବେ । ଅଗଷ୍ଟ ୯ ତାରିଖ୍ ରାକ୍ଷୀପୁନି ଦିନ

କୋରାପୁଟ୍ ଠାନେ ସୁଭଦ୍ରା ଯୋଜ୍ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ବଂଟନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ ।

ଫସଲ୍ ପରିସଂଖ୍ୟାନ-ତାଲିମ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ଉଦ୍ୟାନ୍ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଫସଲ୍ ପରିସଂଖ୍ୟାନର ଉନ୍ନତି ବାବ୍ଦେ ଗୁଟେ ଦିନ୍କିଆ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଉତରାଂଚଲ୍ ରେଞ୍ଜ୍ ର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ କୁମାର୍ ନନ୍ଦ ଅଧ୍ୟକ୍ଷତା କରିଥିଲେ । ଇଥି ରେଞ୍ଜ୍ ର ୧୨ ଟା ଜିଲ୍ଲାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ତାଲିମ୍ ନେଇଥିଲେ ।

ରାଜ୍ୟ ସମବାୟ କମିଶନର ଗସ୍ତ ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ସମବାୟ କମିଶନର୍ ଆଉ ନୂଆପଡ଼ା ଜିଲ୍ଲା ନୋଡ଼ାଲ୍ ଅଧିକାରୀ ରାଜେଶ୍ ପ୍ରଭାକରନ୍ ପାଟିଲ୍ ଆଏଜ୍ ନୂଆପଡ଼ା ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ସମୀକ୍ଷା କରିଛନ୍ । ଖରିଆର୍ ରୋଡ୍ ନ ସମବାୟ ସମିତି ଆଉ ନିୟନ୍ତ୍ରିତ ବଜାର ବୁଲି ଦେଖିବାର୍ ସହେତେ କୋମ୍ନା ବ୍ଲକ୍ର ଭିନ୍

ଭିନ୍ ଜାଗାକେ ଯାଇକରି ସମବାୟ ବିଭାଗ୍ ଅଧୀନ୍‌ଥି ଚାଲିଥିବା ପ୍ରକଳ୍ପ ମାନ୍‌କର୍ ଥିତି ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ସହେତେ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

ପି.ଏମ୍. ଫସଲ୍ ବୀମା ମନିଟରିଂ ବୈଠକ/ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଇ ବଛର୍ ଖରିଫ୍ ଋତୁର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଲାଗି ଜିଲ୍ଲା ମନିଟରିଂ ବାବଦ୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାର୍ କାମ୍ କାଜ୍‌ର ସମୀକ୍ଷା କରିଛନ୍ ।

ଦିବ୍ୟାଙ୍ଗ ପରିଚୟ ପତ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ ତର୍‌ଫୁ ଆଏବା ୧୯ ତାରିଖ୍ ଖଡ଼ିଆଲ୍ ଉପଖଣ୍ଡ ଡାକ୍ତର୍‌ଖାନା ଠାନେ ଦିବ୍ୟାଙ୍ଗ ଯାଂଚ୍

ପକ୍ରିୟା ହେବା । ଦିବ୍ୟାଙ୍ଗ ପରିଚୟ ପତ୍ର ଦେବାର୍ ଲାଗି ଇହାଦେ ଅନ୍‌ଲାଇନ୍ ଜରିଏ ପଞ୍ଜିକରଣ୍ ଚାଲିଛେ । ଧାରିଜ୍ ଦିନେ ଆବେଦନ୍‌କାରୀମାନେ ଖଡ଼ିଆଲ୍ ଉପଖଣ୍ଡ ଡାକ୍ତର୍‌ଖାନାକେ ପୁହୁଁଚିବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଯାଂଚ୍ ଉତ୍‌ରୁ ଡାକ୍ତରୀ ଦଲ୍ ଦିବ୍ୟାଙ୍ଗ ପ୍ରମାଣ୍‌ପତ୍ର ବାଂଟ୍‌ବେ ବଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଫାଇଲେରିଆ ସାମୂହିକ୍ ଉଷୋ          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ନ ଆଏବା ୧୦ ତାରିଖ୍‌ନୁ ଫାଇଲେରିଆ ନିରାକରଣ୍ ଲାଗି ସାମୂହିକ୍ ଉଷୋ ଖୁଆ ଅଭିଯାନ୍ ମୁଲ୍ ହେବା । ୧୯ ତାରିଖ୍‌ତକ୍  ହେବାର୍‌କେ ଥିବା ଅଭିଯାନ୍‌ଥି ବର୍‌ପାଲି ଆଉ ବିଜେପୁର୍ ଗାଁ ଇଲାକାକେ ଛାଡ଼ିଦେଲେ ବାକି ସବୁ ଜାଗା ନ ସାମୂହିକ୍ ଉଷୋ ଖୁଆଯିବା । ବର୍‌ଗଡ଼୍ ମୁଖ୍ୟ ଚିକିତ୍ସା ଅଧିକାରୀ ଇ ବାବ୍‌ଦେ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ସୂଚ୍‌ନା ଦେଇଛନ୍ ।

ପାଣିପାଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍ଥି ଆଏବା ୧୧ ତାରିଖ୍ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ବଡ଼୍ଭାଗୀ ଜାଗା ନ ଘଡ଼୍ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ । ବର୍ଗଡ଼୍, ବଲାଙ୍ଗିର୍ ନୂଆପଡ଼ା ସହେତେ ୧୩ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ କରିଛେ ।